କୋଭିଡ-୧୯ ମୁକାବିଲା ପାଇଁ

ସରକାର ଏବଂ ଲୋକଙ୍କୁ ସହାୟତାର ହାତ ବଢାଇଲା ଜେଏସ୍‌ପିଏଲ୍

ଭୁବନେଶ୍ୱର (ସମ୍ବୁଦ୍ଧ): କୋଭିଡ-୧୯ ମୁକାବିଲା ପାଇଁ ସରକାର, ସ୍ଥାନୀୟ ପ୍ରଶାସନ ଏବଂ ଲୋକମାନଙ୍କୁ ସହାୟତାର ହାତ ବଢାଇ ଜିନ୍ଦଲ୍ ଷ୍ଟିଲ୍‌ଏଣ୍ଡ୍ ପାୱାରଲିଃ (ଜେଏସ୍‌ପିଏଲ୍) ଓଡିଶାର ତିନି ଜିଲ୍ଲାରେ କାରଖାନା କିମ୍ବା ଖଣି ନିକଟବର୍ତ୍ତି ଅଞ୍ଚଳରେ କରୋନା ଭୂତାଣୁ ରୋକିବା ପାଇଁ ସଚେତନ କରିବା ସହ ଆରମ୍ଭ କରି ଅସହାୟ ଲୋକମାନଙ୍କୁ ଖାଦ୍ୟ ବଣ୍ଟନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଜରିଆକୁଛି । ଜେଏସ୍‌ପିଏଲ୍ ଫାଉଣ୍ଡେସନ୍ ସ୍ଥାନୀୟ ଅଞ୍ଚଳରେ ଗରିବ ଓ ଅସହାୟ ଲୋକମାନଙ୍କୁ ଶୁଖିଲା ଏବଂ ରନ୍ଧା ଖାଦ୍ୟ ପ୍ରଦାନ କରିବା ସହିତ, କୋଭିଡ-୧୯ ରୋକିବା ପାଇଁ ବ୍ୟବହାର କରାଯାଉଥିବା ମାସ୍କ, ସାବୁନ, ହ୍ୟାଣ୍ଡୱାସ ଆଦି ସାମଗ୍ରୀ ଲୋକମାନଙ୍କ ମଧ୍ୟରେ ବନ୍ଟନ କରୁଛି । ବିଭିନ୍ନ ଶିବିରମାଧ୍ୟମରେ ଜେଏସ୍‌ପିଏଲ୍ ଫାଉଣ୍ଡେସନ୍ କରୋନା ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରହିବା ପାଇଁ ବିଭିନ୍ନ ଉପାୟ ସଂପର୍କରେ ଲୋକମାନଙ୍କୁ ସଚେତନ କରାଉଛି । ଭାରତରେ ଥିବା ଜେଏସ୍‌ପିଏଲ୍ ବିଭିନ୍ନ କାରଖାନା ଅଂଚଳ



ପରି, ଜେଏସ୍‌ପିଏଲ୍ ଫାଉଣ୍ଡେସନ୍ ଓଡିଶାର ଅନୁଗୁଳ, ବଡବିଲ ଏବଂ ଟେଙ୍ଗସା ଠାରେ 'ମିଶନ ଜିରୋହଙ୍ଗର୍' କାର୍ଯ୍ୟକ୍ରମ ଆରମ୍ଭ କରିଛି । ଏହି କାର୍ଯ୍ୟକ୍ରମରେ ଜେଏସ୍‌ପିଏଲ୍ ଫାଉଣ୍ଡେସନ୍ ରନ୍ଧା ଖାଦ୍ୟ ପ୍ରଦାନ କରୁଛି, ଯାହା ଫଳରେ ଲକ୍‌ଡାଉନ୍ ଯୋଗୁଁ ଅସୁବିଧାର ସମ୍ମୁଖିନ ହେଉଥିବା ଟ୍ରକ୍ ଡ୍ରାଇଭର, ପ୍ରବାସୀ ଏବଂ ଅନ୍ୟାନ୍ୟ ଅସହାୟ ବ୍ୟକ୍ତିମାନେ ଉପକୃତ ହେଉଛନ୍ତି । ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟରେ ଏହି ତିନି ସ୍ଥାନରେ ପ୍ରତିଦିନ ୩୫୦୦ରୁ ଅଧିକ ରନ୍ଧା ଓ ଶୁଖିଲା ଖାଦ୍ୟ ମିଲ୍ ବଣ୍ଟନ କରାଯାଉଛି । ଜେଏସ୍‌ପିଏଲ୍ ଫାଉଣ୍ଡେସନ୍‌ର ଏହି କାର୍ଯ୍ୟକୁ ଟ୍ୱିଟର ମାଧ୍ୟମରେ ଅନୁସୁଚକ ଟିୱୀ ପ୍ରଶାସନ ଏବଂ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପ୍ରଶଂସା କରିଛନ୍ତି । କ୍ଷୁଧା ନିବାରଣ ଏବଂ ଖାଦ୍ୟ ସୁରକ୍ଷା ଇସ୍ତ ହାସଲ ନିମନ୍ତେ 'ମିଶନ ଜିରୋହଙ୍ଗର' ଜେଏସ୍‌ପିଏଲ୍ ଫାଉଣ୍ଡେସନ୍‌ର ଏକ କାର୍ଯ୍ୟକ୍ରମ, ବୋର୍ଡି ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲ ରହିଛନ୍ତି । ଅପ୍ରେଲ ୧୨, ୨୦୨୦ ତାରିଖ ସୁଦ୍ଧା ଜେଏସ୍‌ପିଏଲ୍ ଫାଉଣ୍ଡେସନ୍ ପକ୍ଷରୁ ଏହି ତିନି ଅଞ୍ଚଳରେ ୨୦୦୦୦ରୁ ଅଧିକ ମିଲ୍ ପ୍ରଦାନ କରାଯାଇଛି । ଏହା ବ୍ୟତୀତ, ବିଭିନ୍ନ ବୃଦ୍ଧାଶ୍ରମ, ଶିଶୁଗୃହ, ମହିଳା ଓ ଶିଶୁମାନଙ୍କ ଆଶ୍ରୟ ଗୃହମାନଙ୍କରେ ଜେଏସ୍‌ପିଏଲ୍ ଫାଉଣ୍ଡେସନ୍ ପକ୍ଷରୁ ଚାଉଳ, ଡାଲି, ତେଲ, ଗୁଡ/ଚିନି, ଗୁଡା, ଆଳୁ, ପିଆଜ ଏବଂ ସୋୟାବିନ୍ ଜଳିବିଭିନ୍ନ ଶୁଖିଲା ଖାଦ୍ୟ ପ୍ୟାକେଟ୍ ପ୍ରଦାନ କରାଯାଉଛି । ରାଜ୍ୟର ୧୮ଟି ଏହିପରି ଅନୁଷ୍ଠାନ/ଗୃହରେ ଥିବା ୬୦୦ ଅଧିକଲୋକ/ଶିଶୁ ପ୍ରତିଦିନ ଉପକୃତ ହେଉଛନ୍ତି । ଆବଶ୍ୟକ ସ୍ଥଳେ, ଶିଶୁଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଉଛି । ଜେଏସ୍‌ପିଏଲ୍ ଫାଉଣ୍ଡେସନ୍ ସହାୟତାରେ ମହିଳା ସ୍ୱୟଂସହାୟିକା ଗୋଷ୍ଠି (ଏସ୍.ଏଚ୍.ଜି.) ମାନେ ମାସ୍କ ତିଆରି କରୁଛନ୍ତି । ସେମାନଙ୍କ ଦ୍ୱାରା ତିଆରି କରାଯାଇଥିବା ୧ଲକ୍ଷ ୨୦ହଜାରରୁ ଅଧିକ ମାସ୍କକୁ ବିଶୋଧନ/ଅଲ୍ଟ୍ରାଭାଓଲେଟ୍ ଉପଚାର ପରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ଶ୍ରମିକ ଏବଂ ଜର୍ମାମାନଙ୍କ ମଧ୍ୟରେ ସ୍ଥାନୀୟ ପ୍ରଶାସନ ସହସମନ୍ୱୟରେ ବଣ୍ଟନ କରାଯାଇଛି ।